# NATIONAL NEWS BULLETIN (ODIA)

**13 October - 2024**

**Morning Bulletin : 7.15 a.m.**

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିଠାରୁ ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲଓ୍ୱି ତ୍ରିରାଷ୍ଟ୍ରୀୟ ଗସ୍ତ ।
- ହରିୟାଣାରେ ନୂତନ ସରକାରଙ୍କ ଆସନ୍ତା ୧୭ ତାରିଖରେ ଶପଥ ଗ୍ରହଣ ।
- ଜେନେଭା ଆନ୍ତଃ ସଂସଦୀୟ ସଂଘର ଅଧିବେଶନରେ ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଯୋଗଦେଉଛି ଭାରତୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ।
- ହିନ୍ଦୁ ତଥା ସଂଖ୍ୟାଲଘୁ ଓ ସେମାନଙ୍କ ଉପାସନା ସ୍ଥଳୀଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ବାଂଲାଦେଶକୁ ଆହ୍ୱାନ ଦେଲା ଭାରତ ।

ଏବଂ

- ବାଂଲାଦେଶ ବିପକ୍ଷରେ ୩ଟିକିଆ ଟି-୨୦ ସିରିଜ୍‌କୁ ୩-୦ରେ ଅକ୍ତିଆର କଲା ଭାରତ ।

# ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲଓ୍ୱି ତ୍ରିରାଷ୍ଟ୍ରୀୟ ଗସ୍ତରେ ଯିବେ । ଭାରତୀୟ ରାଷ୍ଟ୍ରପତିଙ୍କର ଏହି ୩ ଆଫ୍ରିକୀୟ ରାଷ୍ଟ୍ରକୁ ହେବ ପ୍ରଥମ ଗସ୍ତ । ଗତବର୍ଷ ଭାରତର ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘ ଜି-୨୦ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା । ଗସ୍ତ ଅବସରରେ ରାଷ୍ଟ୍ରପତି ଏହି ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା କରିବେ । ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ରାଷ୍ଟ୍ରପତି ଭେଟିବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆଜି ରାତିରେ ଆଲ୍‌ଜେରିଆରେ ପହଞ୍ଚିବେ । ସେଠାରେ ସେ ଆଲ୍‌ଜେରିଆ ରାଷ୍ଟ୍ରପତି ଆବଦେଲ ମାଦ୍‌ଜିଦ୍ ତେବୌନେଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା ବୈଠକ କରିବେ । ଭାରତ-ଆଲ୍‌ଜେରିଆ ଅର୍ଥନୈତିକ ଫୋରମ ବୈଠକକୁ ରାଷ୍ଟ୍ରପତି ସମ୍ବୋଧନ କରିବା ସହ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ ।

ଦ୍ୱିତୀୟ ପର୍ଯ୍ୟାୟରେ ମୌରିଟାନିଆ ଗସ୍ତରେ ଯାଇ ସେଠାକାର ରାଷ୍ଟ୍ରପତି ମହମ୍ମଦ ଆଉଦ୍ ଚୈକ୍ ଏଲ୍ ଘାଜୌଆନୀଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ ।

ସୂଚନାଯୋଗ୍ୟ ମୌରୀଟାନିଆ ଏବେ ଆଫ୍ରିକାନ୍ ୟୁନିୟନ୍‌ର ସଭାପତି ଦାୟିତ୍ୱ ନିର୍ବାହ କରୁଛି । ମୌରୀଟାନିଆଠାରେ ରାଷ୍ଟ୍ରପତି ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବେ । ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆସନ୍ତା ୧୭ ତାରିଖରେ ମାଲାଓ୍ୱି ଠାରେ ପହଞ୍ଚିବେ । ମାଲାଓ୍ୱିର ରାଷ୍ଟ୍ରପତି

ଏବଂ ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କ ସହ ବାଣିଜ୍ୟ, ଶିଳ୍ପ ଆଦି ପ୍ରସଙ୍ଗରେ ଆଲୋଚନା କରିବେ । ସେଠାକାର ଶିଳ୍ପଦ୍ୟୋଗୀ ଏବଂ ପ୍ରବାସୀ ଭାରତୀୟଙ୍କ ସହ ରାଷ୍ଟ୍ରପତି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ୧୯ ତାରିଖରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

# ହରିୟାଣା-ସରକାର ଗଠନ

ହରିୟାଣାର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନୀ କହିଛନ୍ତି ଆସନ୍ତା ୧୭ ତାରିଖ ରାଜ୍ୟରେ ନୂତନ ସରକାର ଶପଥ ଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦଳୀୟ ଶୀର୍ଷ ନେତୃବୃନ୍ଦ ଶପଥଗ୍ରହଣ ସମାରୋହରେ ଯୋଗଦେବେ । ଲଡୁଓ୍ୱାଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନାବେଳେ ଶ୍ରୀ ସୈନୀ ଏହି ସୂଚନା ଦେଇଛନ୍ତି । କଇଥାଲ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଶୋକସନ୍ତପ୍ତ ପରିବାରକୁ ଶ୍ରୀ ସୈନି ଗଭୀର ସମବେଦନା ପ୍ରଦାନ କରିଛନ୍ତି । ଏହି ଦୁଃଖଦ ସମୟରେ ରାଜ୍ୟ ସରକାର ସେମାନଙ୍କ ସହ ଅଛନ୍ତି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ କଇଥାଲଠାରେ ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୩ଜଣ ମହିଳା ଓ ୪ଜଣ ଝିଅଙ୍କ ସମେତ ୭ଜଣଙ୍କର ମୃତ୍ୟୁ ହୋଇଥିଲା ।

# ଓମ୍ ବିର୍ଲା-ଆଇପିୟୁ ଆସେମ୍ବ୍ଲି

ଜେନେଭାଠାରେ ଆଜିଠାରୁ ଆନ୍ତଃ ସଂସଦୀୟ ସଂଘ ଆଇ.ପି.ୟୁ ର ୧୪୯ତମ ଅଧିବେଶନ ଆରମ୍ଭ ହେଉଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଭାରତର ସଂସଦୀୟ ପ୍ରତିନିଧିମଣ୍ଡଳୀ ଏହି ଅଧିବେଶନରେ ଯୋଗଦେବେ । ଅଧିକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଉପଯୋଗ ଶୀର୍ଷକରେ ଶ୍ରୀ ବିର୍ଲା ତାଙ୍କର ଅଭିଭାଷଣ ପ୍ରଦାନ କରିବେ । ଆଇ.ପି.ୟୁର ପରିଚାଳନା ପରିଷଦ ବୈଠକରେ ଶ୍ରୀ ବିର୍ଲା ଅଂଶଗ୍ରହଣ କରିବା ସହ ଆସନ୍ତାକାଲି ଜେନେଭାରେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଅନ୍ୟ ରାଷ୍ଟ୍ରର ସଂସଦୀୟ ପ୍ରତିନିଧି ମଣ୍ଡଳୀର ମୁଖ୍ୟଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହଙ୍କ ସମେତ ଉଭୟ ସଂସଦର ମନୋନୀତ ସଦସ୍ୟ ଏହି ଅଧିବେଶନରେ ଅଂଶଗ୍ରହଣ କରିବାକୁ ଶ୍ରୀ ବିର୍ଲାଙ୍କ ସହ ଯାଇଛନ୍ତି । ସୂଚନାଯୋଗ୍ୟ ଆଇ.ପି.ୟୁରେ ୧୮୦ଜଣ ସଦସ୍ୟ ଏବଂ ୧୫ଜଣ ସହଯୋଗୀ ସଦସ୍ୟ ରହିଛନ୍ତି । ଏଥିରେ ଚୀନ୍, ଭାରତ, ଇଣ୍ଡୋନେସିଆ ଭଳି ବଡ ରାଷ୍ଟ୍ର ସହ କାବୋଭରଡେ, ସାନ୍‌ମାରିନୋ ଏବଂ ପାଲାଉ ଭଳି ଛୋଟ ରାଷ୍ଟ୍ରର ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରୁଛନ୍ତି । ଆସନ୍ତା ୧୭ ତାରିଖରେ ଏହି ଅଧିବେଶନ ଉଦ୍‌ଯାପିତ ହେବ ।

## ପିଏମ୍-ଆର୍ଏସ୍ଏସ୍

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆର୍ଏସ୍ଏସ୍ ପ୍ରତିଷ୍ଠାର ୧୦୦ତମ ବର୍ଷରେ ପ୍ରବେଶ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଘର ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ମା' ଭାରତୀଙ୍କ ପ୍ରତି ସଂଘର ସଂକଳ୍ପ ଓ ସମର୍ପଣ ପରବର୍ତ୍ତୀ ପୀଢ଼ିକୁ ପ୍ରେରଣା ଯୋଗାଇବ । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ଏହା ନୂତନ ଶକ୍ତି ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଆଶାବ୍ୟକ୍ତ କରିଛନ୍ତି ।

## ଓ୍ୱେଷ୍ଟବେଙ୍ଗଲ-ଡକ୍ଟର

ପଶ୍ଚିମବଙ୍ଗରେ କନିଷ୍ଠ ଡାକ୍ତରଙ୍କ ଅନଶନ ଧର୍ମଘଟକୁ ସମର୍ଥନ ଜଣାଇ ଆସନ୍ତାକାଲିଠାରୁ ବରିଷ୍ଠ ଡାକ୍ତରମାନେ ୪୮ ଘଣ୍ଟା ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ । ଡାକ୍ତର ସରୋଦ୍ୱତ୍ ମୁଖାର୍ଜୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ସତ୍ତ୍ୱେ ଜରୁରୀକାଳୀନ ସେବା ଜାରି ରହିବ ।  ସୂଚନାଯୋଗ୍ୟ କୋଲକାତା ଆର୍‌ଜିକର ମେଡ଼ିକାଲ କଲେଜ ହସ୍ପିଟାଲ ଘଟଣା ପରିପ୍ରେକ୍ଷୀରେ ୧୦ଦଫା ଦାବି ନେଇ କନିଷ୍ଠ ଡାକ୍ତରଙ୍କ ପକ୍ଷରୁ ଅନଶନ ଧର୍ମଘଟ ଜାରି ରହିଛି ।

## ପିଏମ୍ - ଫରିଦ ଜାକାରିଆ

ବିଶ୍ୱ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୃଦ୍ଧି ପାଉଥିବା ମାନ୍ୟତାକୁ ସ୍ୱୀକାର କରି ବିଶିଷ୍ଟ ଭାରତ-ଆମେରିକୀୟ ସାମ୍ବାଦିକ ଫରିଦ ଜାକାରିଆ କହିଛନ୍ତି ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠାରେ ଭାରତୀୟ ସେନା ଗଠନମୂଳକ ଭୂମିକା ଗ୍ରହଣ କରିପାରିବ । ଚଳିତବର୍ଷ ପ୍ରାରମ୍ଭରେ ଶ୍ରୀ ଜାକାରିଆ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଜବାହରଲାଲ ନେହେରୁଙ୍କ ପରେ ଶ୍ରୀ ମୋଦୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ପରିଗଣିତ ହେବା ସହ ଅତ୍ୟନ୍ତ ଦୃଢ଼ ପରମ୍ପରାର ଛାପ ସମାଜରେ ଛାଡିପାରନ୍ତି ବୋଲି କହିଥିଲେ । ଫେବୃୟାରୀ ୨୦୨୨ରେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ନିଜର ଆଭିମୁଖ୍ୟ ବଜାୟ ରଖିପାରିଛି । କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ଖୋଜିବା ପାଇଁ ଭାରତ ଉଭୟ ପକ୍ଷଙ୍କ ପାଖରେ ପହଞ୍ଚିପାରିଛି । ଗତ ଜୁଲାଇରେ ରୁଷ୍ ରାଷ୍ଟ୍ରପତି ବ୍ଲାଦିମିର୍ ପୁଟିନ ୟୁକ୍ରେନ୍ ସହ ସଂଘର୍ଷର ସମାଧାନର ପନ୍ଥା ଖୋଜିବା ପାଇଁ ଆନ୍ତରିକ ଉଦ୍ୟମ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଗତ ଅଗଷ୍ଟ ମାସରେ କିଭ୍ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କିଙ୍କ କାନ୍ଧରେ ହାତରଖି ବିଶ୍ୱ ସଂଘର୍ଷ ପ୍ରତି ଭାରତର ଆଭିମୁଖ୍ୟରେ ଶାନ୍ତି ଏବଂ ଅହିଂସାର ବାର୍ତ୍ତା ପ୍ରଦାନ କରିଥିଲେ । ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଗତମାସରେ ତାଙ୍କ ବକ୍ତବ୍ୟରେ କହିଥିଲେ ୟୁକ୍ରେନ ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ।

## ଇଣ୍ଡିଆ-ବାଂଲାଦେଶ

ହିନ୍ଦୁ ତଥା ସଂଖ୍ୟାଲଘୁ ଏବଂ ସେମାନଙ୍କ ଉପାସନାସ୍ଥଳୀ ଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ଭାରତ ବାଂଲାଦେଶକୁ ଆହ୍ୱାନ ଦେଇଛି । ବୈଦେଶିକ ବ୍ୟାପାର ମନ୍ତଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ ଢ଼ାକାର ତନ୍ତିବଜାରସ୍ଥିତ ଏକ ପୂଜାମଣ୍ଡପ ଉପରେ ଆକ୍ରମଣ ଏବଂ ସାତ୍‌ଖିରାସ୍ଥିତ ଜେଶ୍ୱରେଶ୍ୱରୀ କାଳୀ ମନ୍ଦିରରେ ଚୋରି ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି । ଏହି ଆଚରଣ ମନ୍ତ୍ରଣାଳୟ ନିନ୍ଦା କରିବା ସହ ଏକ ସୁଚିନ୍ତିତ ପ୍ରକ୍ରିୟା ଆଧାରରେ ଏଭଳି ପଦକ୍ଷପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଆଇସିସି ମହିଳା ଟି-୨୦

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସଂଧ୍ୟାରେ ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଭାରତ' ଅଷ୍ଟ୍ରେଲିଆକୁ ଭେଟିବ । ସାରଜାଠାରେ ଭାରତୀୟ ସମୟ ସଂଧ୍ୟା ସାଢ଼େ ୭ ଟାରେ ଏହି ମ୍ୟାଚ୍ ଖେଳାଯିବ । ଅନ୍ୟଏକ ମ୍ୟାଚ୍ ଗ୍ରୁପ୍-ଡିର ଇଂଲଣ୍ଡ ଏବଂ ସ୍କଟଲ୍ୟାଣ୍ଡ ମଧ୍ୟରେ ସାରଜାଠାରେ ଅପରାହ୍ଣ ସାଢ଼େ ୩ଟାରେ ଖେଳାଯିବ ।

ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଗତକାଲି ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା' ବାଂଲାଦେଶକୁ ୭ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ବାଂଲାଦେଶ ବ୍ୟାଟିଂ କରିବାକୁ ନିଷ୍ପତ୍ତିନେଇଥିଲା । ନିର୍ଦ୍ଧାରିତ ୨୦

ଓଭରରେ ୩ ୱିକେଟ୍ ବିନିମୟରେ ୧୦୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୦୭ରନ୍‌ର ବିଜୟଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୭ ଓଭର ୨ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ' ଶ୍ରୀଲଙ୍କାକୁ ୮ ୱିକେଟ୍‌ରେ ହରାଇ ଦେଇଛି । ସାରଜାଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୧୫ରନ୍ ସଂଗ୍ରହ କରିପାରିଥିଲା । ବିଜୟଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୧୭ଓଭର ଏବଂ ୩ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା ।

# ପୁରୁଷ କ୍ରିକେଟ୍ - ଟି-୨୦

ବାଂଲାଦେଶ ବିପକ୍ଷରେ ୩ଟିକିଆ ଟି-୨୦ ସିରିଜ୍‌କୁ ଭାରତ ୩-୦ରେ ଅକ୍ତିଆର କରିଛି । ହାଇଦ୍ରାବାଦଠାରେ ଗତକାଲି ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ବାଂଲାଦେଶକୁ ୧୩୩ ରନ୍‌ରେ ପରାସ୍ତ କରି ଭାରତ ଏହି ସଫଳତା ପାଇଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୬ୱିକେଟ୍ ବିନିମୟରେ ୨୯୭ରନ୍ ସଂଗ୍ରହ କରିଥିଲା । ସଞ୍ଜୁ ସାମ୍‌ସନ ୪୭ ବଲ୍‌ରେ ୧୧୧ରନ୍‌ର ବିସ୍ଫୋରକ ପାଳି ଖେଳିଥିବାବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୫ ବଲ୍‌ରୁ ୭୫ ରନ୍ ସଂଗ୍ରହ କରିଥିଲେ । ୨୯୮ରନ୍‌ର ବିଜୟଲକ୍ଷ୍ୟକୁ ପିଛାକରି ବାଂଲାଦେଶ ୭

ୱିକେଟ୍ ବିନିମୟରେ ୧୬୪ରନ୍ ସଂଗ୍ରହ କରିପାରିଥିଲା । ବାଂଲାଦେଶ ପକ୍ଷରୁ ତୁହିଦ ହ୍ରିଦୟ ଅପରାଜିତ ୬୩ ଏବଂ ଲିଟନ ଦାସ ୪୨ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ରବି ବିଷ୍ଣୋଇ ୩ଟି, ମୟଙ୍କ ଯାଦବ ୨ଟି ଏବଂ ୱାଶିଂଟନ୍ ସୁନ୍ଦର ଓ ନୀତିଶ ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ । ସଞ୍ଜୁ ସାମ୍ସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ । ସୂଚନାଯୋଗ୍ୟ ଗ୍ୱାଲିୟରଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ଏବଂ ଦିଲ୍ଲୀଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ୮୬ରନ୍‌ରେ ବିଜୟୀ ହୋଇଥିଲା ।

## ଟେବୁଲ ଟେନିସ୍

ଏସିଆନ୍ ଟେବୁଲ ଟେନିସ୍ ୨୦୨୪ ପ୍ରତିଯୋଗିତାର ଭାରତୀୟ ମହିଳା ଯୋଡ଼ି ୟାହିକା ମୁଖାର୍ଜୀ ଏବଂ ସୁତୀର୍ଥା ମୁଖାର୍ଜୀ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । କାଜାକସ୍ତାନରେ ଅସ୍ତାନାଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତୀୟ ଯୋଡ଼ି କୋରିଆ ପ୍ରତିପକ୍ଷଙ୍କୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ପରାସ୍ତ କରିଥିଲେ । ସେମିଫାଇନାଲ ପର୍ଯ୍ୟାୟରେ ଆଜି ଏହି ଭାରତୀୟ ଯୋଡ଼ି ଜାପାନର ମିୱା ହାରିମୋତୋ ଏବଂ ମ୍ୟୁ କିହାରାଙ୍କ ଯୋଡ଼ିକୁ ଭେଟିବେ ।